# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**30 January – 2026**

## ବିଶ୍ୱବ୍ୟାଙ୍କ

ଦୀର୍ଘକାଳୀନ ବିକାଶ ଓ ଆର୍ଥିକ ସଂସ୍କାରକୁ ନେଇ ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବାଙ୍ଗାଙ୍କ ସହ ଗତକାଲି ଭୁବନେଶ୍ୱର ଲୋକସଭା ଭବନରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟରେ ବିକାଶ ପ୍ରକ୍ରିୟା ଓ ସଂସ୍କାର ଆଭିମୁଖ୍ୟ, ଘରୋଇ କ୍ଷେତ୍ରରେ ଯୁବପିଢ଼ିଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ବିଶ୍ୱ ବ୍ୟାଙ୍କ ପ୍ରତିନିଧି ପ୍ରଶଂସା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡିଶା ଭିଜନ ଡକ୍ୟୁମେଣ୍ଟ ପ୍ରଦାନ କରିଥିଲେ ।

## ବେଳାଭୂମି ମହୋତ୍ସବ-ଗଞ୍ଜାମ

ମାନବ ସମାଜର ଜୀବନଶୈଳୀରେ ସାମୁଦ୍ରିକ ବେଳାଭୂମିର ଆବଶ୍ୟକତା ଉପରେ ବାଚସ୍ପତି ସୁରମା ପାଢ଼ୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମି ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଗତକାଲି ଆୟୋଜିତ ସମାରୋହରେ ଯୋଗଦେଇ ଶ୍ରୀମତୀ ପାଢ଼ୀ କହିଛନ୍ତି, ରାଜ୍ୟର ବେଳାଭୂମିଗୁଡିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ । ସମାରୋହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରମୁଖ ଯୋଗଦେଇଥିଲେ ।

# ରାଷ୍ଟ୍ରପତିଙ୍କ ଯାଜପୁର ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆସନ୍ତା ମାସ ୩ତାରିଖରେ ଯାଜପୁର ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଫେବୃୟାରୀ ପହିଲା ସକାଳ ୬ଟାରୁ ୩ତାରିଖ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଯାଜପୁର ଅଞ୍ଚଳକୁ ଡ୍ରୋନ ଉଡାଣ ମୁକ୍ତ ଅଞ୍ଚଳ ବା ନୋ ଫ୍ଲାଇଙ୍ଗ ଜୋନଭାବେ ଘୋଷଣା କରାଯାଇଛି । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ମା' ବିରଜାଙ୍କ ଦର୍ଶନ ସହିତ ନାଭିଗୟାରେ ପିଣ୍ଡଦାନ କରିବାର କାର୍ଯ୍ୟସୂଚୀ ରହିଛି ।

ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଆସନ୍ତା ୪ରୁ ୬ତାରିଖ ଦୁଇଦିନ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ବନ୍ଦ ରହିବ ।

# ପଞ୍ଜିକା ଅନୁମୋଦନ

ପୁରୀ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭା ୨୦୨୬-୨୭ବର୍ଷ ପାଇଁ ୫ଟି ପଞ୍ଜିକାକୁ ଅନୁମୋଦନ କରାଯାଇଛି । ପଞ୍ଜିକାରେ ତ୍ରୁଟିଶୂନ୍ୟ ତିଥିବାର ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ବୈଠକରେ ୫ଜଣ ପଞ୍ଜିକାର ସେମାନଙ୍କର ପାଣ୍ଡୁଲିପି ଦାଖଲ କରିଥିଲେ ।

# ଶହୀଦ ଦିବସ

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଜି ହେଉଛି ପୁଣ୍ୟତିଥି। ୧୯୪୮ମସିହା ଆଜିର ଦିବସରେ ଦିଲ୍ଲୀ ବିରଳା ଭବନ ପ୍ରାଙ୍ଗଣରେ ପ୍ରାର୍ଥନା ସଭାକୁ ଯାଉଥିବାବେଳେ ଗୁଳିମାଡରେ ବାପୁଜୀ ପରଲୋକ ଗମନ କରିଥିଲେ । ବାପୁଜୀଙ୍କ ପୁଣ୍ୟତିଥି ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗର ସ୍ମୃତି

ଉଦ୍ଦେଶ୍ୟରେ ଆଜି ଦେଶବ୍ୟାପୀ ଶହିଦ ଦିବସ ପାଳନ କରାଯାଉଛି । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ସଂକ୍ଷିପ୍ତରେ...

ନୟାଗଡ ଜିଲ୍ଲାର ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ସମ୍ପର୍କୀତ ତୃତୀୟ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । କୁଲୁରୁକୁମ୍ପା ପଞ୍ଚାୟତର ପଥରଗଣ୍ଡ ଓ ଟାଙ୍ଗନାଡିଗଡର ବିସ୍ଥାପିତ ପରିବାରଙ୍କୁ ନେଇ ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲା ।

ଗଞ୍ଜାମ ଛତ୍ରପୁରଠାରେ ୩୭ତମ ପ୍ରାଦେଶିକ ଖେଳକୁଦ ସମାରୋହ ଆଜିଠାରୁ ତିନିଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏ ନେଇ ଗତକାଲି ଓଡିଶା ଶିକ୍ଷା ସମିତିର ସାଧାରଣ ସମ୍ପାଦକ ଡକ୍ଟର ସରୋଜ କୁମାର ହାତୀଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମାରୋହରେ ୩୦ଟି ଜିଲ୍ଲାର ମୋଟ ୪୫୦ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି ।

ଭବାନୀପାଟଣା ସ୍ଥାନୀୟ ଟାଉନହଲ୍ ଠାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଜିଲ୍ଲାସ୍ତରୀୟ ଆଶା, ଗାଁକଲ୍ୟାଣ, ମହିଳା ଆରୋଗ୍ୟ ଏବଂ ଜନ ଆରୋଗ୍ୟ ସମିତି ଅନୁଷ୍ଠିତ ହୋଇଯାଇଛି ।

ନୂଆପଡା ଜିଲ୍ଲା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ୧୩ତମ ଜୁନିୟର ରେଡକ୍ରସ ଅଧ୍ୟୟନ ଓ ପ୍ରଶିକ୍ଷଣ ଶିବିର ଗତକାଲି ଉଦ୍‌ଘାଟିତ ହୋଇଯାଇଛି । ଶିବିରରେ ୧୯ ୟୁନିଟ୍ ରକ୍ତସଂଗ୍ରହ କରାଯାଇଥିଲା ।

ଖୋର୍ଦ୍ଧା ମହାମାୟା ସରକାରୀ ଉଚ୍ଚ ବିଦ୍ୟାପୀଠରେ ଶିକ୍ଷଣ ସାମଗ୍ରୀ, ବିକଶିତ କର୍ମଶାଳା ଗତକାଲି ଶେଷ ହୋଇଛି । ଏଥିରେ ୮ଟି ବିଦ୍ୟାଳୟ ୩୦ଜଣ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ ।

ନୟାଗଡ ଜିଲ୍ଲା ଓଡଗାଁ ବ୍ଲକ ଶରଣକୂଳ ନାରାୟଣ ହାଇସ୍କୁଲରେ ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ପର୍କୀତ ଏକ ଆଲୋଚନାଚକ୍ର ଗତକାଲି ଅନୁଷ୍ଠିତ ହୋଇଯାଇଛି ।

## ମାଲ୍ୟବନ୍ତ ମହୋତ୍ସବ

ମାଲକାନଗିରି ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଆସନ୍ତା ରବିବାରଠାରୁ ଆରମ୍ଭ ହେବ । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ପୌରୋହିତରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ମହୋତ୍ସବର ପ୍ରମୋ ସଙ୍ଗୀତକୁ ଉନ୍ମୋଚନ କରାଯାଇଛି ।

## ସ୍କାଉଟ ଓ ଗାଇଡ୍ସ ଶିବିର

ଖୋର୍ଦ୍ଧା ଜିଲ୍ଲା ସ୍କାଉଟ ଓ ଗାଇଡ୍ସର ରାଜ୍ୟ ପୁରସ୍କାର ପରୀକ୍ଷା ଶିବିର ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୧୦ଜଣ ସ୍କାଉଟ୍, ୧୬୧ଜଣ ଗାଇଡ ଏବଂ ୨୧ଟି ବିଦ୍ୟାଳୟରୁ ୩୫ଜଣ ସ୍କାଉଟ୍ ମାଷ୍ଟର ଏବଂ ଗାଇଡ କ୍ୟାପଟେନ ଯୋଗଦେଇଥିଲେ ।

## ପ୍ରଶିକ୍ଷଣ ଶିବିର

ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳଠାରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଗତକାଲି ଅନୁଷ୍ଠିତ ହୋଇଯାଇଛି । ଆତ୍ମରକ୍ଷା କୌଶଳର ଗୁରୁତ୍ୱ ଏବଂ ମହିଳା ସଶକ୍ତୀକରଣ ଲକ୍ଷ୍ୟ ନେଇ ଅନୁଷ୍ଠିତ ଏହି ଶିବିର ୨୪୭ଜଣ ଛାତ୍ରୀ ଯୋଗଦେଇଥିଲେ ।

## ସୁବର୍ଣ୍ଣ ଜୟନ୍ତୀ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ସିଙ୍ଗିଟି ସ୍ଥିତ ମଦନମୋହନ ଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଉତ୍ତମ ଚରିତ୍ର ଗଠନ ଏବଂ ଶୃଙ୍ଖଳା ବଜାୟୀ ରଖିବା ଉପରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

## ଫୁଟବଲ ମ୍ୟାଚ

ବୌଦ୍ଧ ଜିଲ୍ଲା ତିଳେଶ୍ୱର ହାଇସ୍କୁଲ ପଡିଆଠାରେ ଆୟୋଜିତ ଦ୍ୱିତୀୟ ସେମିଫାଇନାଲ ଫୁଟବଲ ମ୍ୟାଚରେ ବିହାର ବକ୍ସର ଓ ବରଗଡ ୟୁନାଇଟେଡକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଫାଇନାଲରେ ଆଜି ସୁନ୍ଦରଗଡ ଓ ବିହାର ମଧ୍ୟରେ ମ୍ୟାଚ ଖେଳାଯିବ ।